# NATIONAL NEWS BULLETIN (ODIA)

**17 April- 2025**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ନୂଆ ଆୟକର ବିଲ୍ ୨୦୨୫ ଉପରେ ଲୋକସଭାର ସିଲେକ୍ଟ କମିଟି ବୈଠକ ସଂସଦ ଭବନରେ ଜାରି ।
- ଭାରତ' ପ୍ରତିରକ୍ଷା କ୍ଷେତ୍ରରେ ଆତ୍ମନିର୍ଭରଶୀଳତା ପଥରେ ଅଗ୍ରସର ହେଉଛି - କହିଛନ୍ତି ପ୍ରତିରକ୍ଷା ମନ୍ତ୍ରୀ ।
- ୨୦୨୬ ମାର୍ଚ୍ଚ ୩୧ ସୁଦ୍ଧା ନକ୍ସଲବାଦକୁ ସମ୍ପୂର୍ଣ୍ଣ ନିପାତ କରାଯିବ - କହିଲେ ସ୍ୱରାଷ୍ଟ୍ର ମନ୍ତ୍ରୀ ।
- ଚଳିତ ମାସ ୨୧ ତାରିଖରେ ୪ଦିନିଆ ଭାରତ ଗସ୍ତରେ ଆସିବେ ଆମେରିକାର ଉପରାଷ୍ଟ୍ରପତି ଜେ.ଡି ଭାନ୍ସ ।

ଏବଂ

- ଆଇପିଏଲ୍ କ୍ରିକେଟ୍‌ରେ ଆଜି ମୁମ୍ବାଇ ଇଣ୍ଡିଆନ୍ସ ଏବଂ ସନ୍‌ରାଇଜର୍ସ ହାଇଦ୍ରାବାଦ ମଧ୍ୟରେ ହେବ ମୁକାବିଲା ।

---

## ଇନ୍‌କମ ଟ୍ୟାକ୍ସ ବିଲ୍ ମିଟିଂ

ନୂଆ ଆୟକର ବିଲ୍ ୨୦୨୫ ଉପରେ ଲୋକସଭାର ସିଲେକ୍ଟ କମିଟିର ବୈଠକ ସଂସଦ ଭବନରେ ଚାଲିଛି । ବିଜେପି ସାଂସଦ

ବୈଜୟନ୍ତ ପଣ୍ଡାଙ୍କ ଅଧ୍ୟକ୍ଷତାରେ ୩୧ ଜଣିଆ କମିଟି ଗଠନ କରାଯାଇଛି । ସଂସଦର ଆଗାମୀ ମୌସୁମୀ ଅଧିବେଶନର ପ୍ରଥମ ଦିନରେ କମିଟି ତା'ର ରିପୋର୍ଟ ଦାଖଲ କରିବ ।

ଆୟକର ବିଲ୍ ୨୦୨୫ର ଉଦ୍ଦେଶ୍ୟ ହେଉଛି ଆୟକର ସଂକ୍ରାନ୍ତ ଆଇନ୍‌କୁ ସୁଦୃଢ଼ ଓ ସଂଶୋଧନ କରିବା । ସଂସଦର ବଜେଟ୍ ଅଧିବେଶନର ପ୍ରଥମାର୍ଦ୍ଧରେ ଏହି ବିଲ୍‌କୁ ଲୋକସଭାରେ ଆଗତ କରାଯାଇଥିଲା । ପରେ ଏହାକୁ ଲୋକସଭାର ସିଲେକ୍ଟ କମିଟିକୁ ପଠାଯାଇଥିଲା ।

## ରାଜନାଥ ଡିଫେନ୍ସ କନ୍‌କ୍ଲେଭ

ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂହ କହିଛନ୍ତି ଭାରତର ପ୍ରତିରକ୍ଷା କ୍ଷେତ୍ରରେ ଆତ୍ମନିର୍ଭରଶୀଳତା ପଥରେ ଅଗ୍ରସର ହେଉଛି ଏବଂ ବିଶ୍ୱରେ ପ୍ରତିରକ୍ଷା ରପ୍ତାନୀର ସମ୍ଭାବନାକୁ ସୁଦୃଢ଼ କରୁଛି । ଆଜି ନୂଆଦିଲ୍ଲୀରେ ଆୟୋଜିତ ପ୍ରତିରକ୍ଷା ସମ୍ମିଳନୀ 'ଫୋର୍ସ ଅଫ୍ ଦ ଫ୍ୟୁଚର'ର ଉଦ୍‌ଘାଟନୀ ଅଧୀବେଶନରେ ଯୋଗଦେଇ ଶ୍ରୀ ସିଂହ କହିଛନ୍ତି ସରକାର ପ୍ରତିରକ୍ଷା କ୍ଷେତ୍ରର ସାମର୍ଥ୍ୟ ବୃଦ୍ଧି ଉପରେ ଧ୍ୟାନ କେନ୍ଦ୍ରିତ କରିଛନ୍ତି । ସେ କହିଛନ୍ତି ନରେନ୍ଦ୍ର ମୋଦୀ ସରକାର ସଶସ୍ତ୍ର ବାହିନୀର ଆଧୁନିକୀକରଣ ସହିତ ପ୍ରତିରକ୍ଷା କ୍ଷେତ୍ରରେ ଆତ୍ମ ନିର୍ଭରଶୀଳତା ଉପରେ ଗୁରୁତ୍ୱ ଦେଇଛନ୍ତି । ସେ କହିଛନ୍ତି ପ୍ରତିରକ୍ଷା କ୍ଷେତ୍ରରେ ଆତ୍ମ ନିର୍ଭରଶୀଳତାକୁ ଆହୁରି ପ୍ରୋତ୍ସାହିତ କରିବା ପାଇଁ ମନ୍ତ୍ରଣାଳୟ ଚଳିତବର୍ଷକୁ ସଂସ୍କାର ବର୍ଷ ଭାବେ ଘୋଷଣା କରିଛି ।

**V/O (Rajnath Singh)**

ଏହି ସମ୍ମିଳନୀର ଉଦ୍ଦେଶ୍ୟ ହେଉଛି ଭାରତର ପ୍ରତିରକ୍ଷା, ଆତ୍ମନିର୍ଭରଶୀଳତା, ବୈଷୟିକ ବିକାଶ ଏବଂ ସାମରିକ କ୍ଷେତ୍ରରେ ରଣନୈତିକ ସଂସ୍କାର ଉପରେ ଧ୍ୟାନଦେବା । ସେଥିରେ ପ୍ରତିରକ୍ଷା ସଂସ୍କାର, ସ୍ୱଦେଶୀ ଉତ୍ପାଦନ, ପ୍ରତିରକ୍ଷା ରପ୍ତାନୀ ଏବଂ ପ୍ରଯୁକ୍ତି ବିଦ୍ୟାର ବ୍ୟବହାର ନେଇ ଦଳଗତ ଆଲୋଚନା ଆୟୋଜିତ ହୋଇଛି ।

## ହ୍ୟାଣ୍ଡଲୁମ୍ ଏକ୍ସପୋର୍ଟ ନଏଡା

ବୟନଶିଳ୍ପ ମନ୍ତ୍ରଣାଳୟ ଅଧୀନରେ ଥିବା ଜାତୀୟ ହସ୍ତତନ୍ତ ବିକାଶ ନିଗମ ଉତ୍ତରପ୍ରଦେଶର ନଏଡାରେ ସ୍ୱତନ୍ତ୍ର ହସ୍ତତନ୍ତ ମେଳା ଆରମ୍ଭ କରିଛି । କେନ୍ଦ୍ର ବୟନଶିଳ୍ପ ମନ୍ତ୍ରଣାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ଏହି ମେଳାରେ ୧୩ଟି ରାଜ୍ୟର ହସ୍ତତନ୍ତ ବୁଣାକାରମାନେ ଏକାଠି ହୋଇ ପାରମ୍ପରିକ ହସ୍ତତନ୍ତ ଉପାୟ ଗୁଡ଼ିକ ଉପରେ ଆଲୋଚନା କରିବେ । ଏହି ମେଳାରେ ବୁଣାକାରମାନଙ୍କୁ ସେମାନଙ୍କ ଉତ୍ପାଦକୁ ସିଧାସଳଖ ଗ୍ରାହକମାନଙ୍କୁ ବିକ୍ରୟ କରିବା ଲାଗି ଏକ ମଞ୍ଚ ପ୍ରଦାନ କରିବ । ସୂଚନା ଅନୁଯାୟୀ ଏହି ମେଳାରେ ହସ୍ତତନ୍ତ ଉତ୍ପାଦର ୨୫ଟି ଷ୍ଟଲ୍ ରହିଛି, ଯେଉଁଥିରେ ବିଭିନ୍ନ ପ୍ରକାର ଶାଢ଼ୀ, ପୋଷାକ ପ୍ରଦର୍ଶିତ ହେଉଛି । ଏହି ପ୍ରଦର୍ଶନୀ ଚଳିତମାସ ୨୪ତାରିଖ ପର୍ଯ୍ୟନ୍ତ ଖୋଲାରହିବ ।

# ପାର୍କିନସନ ଷ୍ଟେନ୍ ସେଲ୍ ଥେରାପି

ନେଚର ପତ୍ରିକାରେ ପ୍ରକାଶିତ ଦୁଇଟି ଗବେଷଣାପତ୍ର ଅନୁଯାୟୀ ପାର୍କିନସନ ରୋଗର ଚିକିତ୍ସା କ୍ଷେତ୍ରରେ ଷ୍ଟେନ୍‌ସେଲ୍ ଥେରାପି ଏକ ନିରାପଦ ଏବଂ ଆଶାଜନକ ଉପାୟ ବୋଲି ଜଣାପଡିଛି । ପାର୍କିନସନ ହେଉଛି ଏକ ମସ୍ତିଷ୍କ ରୋଗ, ଯେଉଁଥିରେ ଡୋପାମାଇନ୍ ଉତ୍ପାଦନ କରୁଥିବା ସ୍ନାୟୁକୋଷଗୁଡ଼ିକ ଧୀରେ ଧୀରେ ନଷ୍ଟ ହୋଇଥାନ୍ତି, ଯାହାଫଳରେ ସ୍ମରଣଶକ୍ତି ହ୍ରାସ ପାଇବା ସହ ମସ୍ତିଷ୍କଜନିତ ଅନ୍ୟାନ୍ୟ ରୋଗ ସୃଷ୍ଟି ହୋଇଥାଏ । ଏଲ୍-ଡୋପା ପରି ବର୍ତ୍ତମାନର ଚିକିତ୍ସା ପ୍ରାଥମିକ ପର୍ଯ୍ୟାୟରେ ରୋଗ ନିୟନ୍ତ୍ରଣ କରିବାରେ ସକ୍ଷମ ହେଉଥିଲେ ମଧ୍ୟ ସମୟକ୍ରମେ ଏହାର ପ୍ରଭାବ ହ୍ରାସ ପାଇଥାଏ । ଫଳରେ ପାର୍ଶ୍ୱ ପ୍ରତିକ୍ରିୟା ସୃଷ୍ଟି ହୋଇଥାଏ ।

ଅଧ୍ୟୟନ ଅନୁଯାୟୀ ଷ୍ଟେନ୍‌ସେଲ୍ ଥେରାପି ଜରିଆରେ ମସ୍ତିଷ୍କରେ ଡୋପାମାଇନ୍ ଉତ୍ପାଦନକାରୀ କୋଷିକା ଗୁଡ଼ିକୁ ପରିବର୍ତ୍ତନ କରାଯାଇପାରିବ । ଏହାଦ୍ୱାରା କମ୍ ପାର୍ଶ୍ୱ ପ୍ରତିକ୍ରିୟା ସହ ଅଧିକ ପ୍ରଭାବଶାଳୀ ଚିକିତ୍ସା ହୋଇପାରିବ । ଗବେଷକମାନେ କହିଛନ୍ତି ଷ୍ଟେନ୍ ସେଲ୍ ଥେରାପିର ବହୁଳ ବ୍ୟବହାର ପରେ ଏହା କେତେ ପ୍ରଭାବଶାଳୀ ଢ଼ଙ୍ଗରେ କାର୍ଯ୍ୟ କରିବ ତାହା ଜଣାପଡିବ ।

# ବିହାର-ଗ୍ରାଣ୍ଡ ଆଲିଆନ୍ସ

ବିହାରରେ ଆଗାମୀ ବିଧାନସଭା ନିର୍ବାଚନକୁ ଦୃଷ୍ଟିରେ ରଖି ରାଷ୍ଟ୍ରୀୟ ଜନତା ଦଳ ଏବଂ କଂଗ୍ରେସ ନେତୃତ୍ୱାଧୀନ ମହାମେଣ୍ଟର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଆଜି ଅପରାହ୍ଣରେ ଅନୁଷ୍ଠିତ ହେବ । ପାଟନା ସ୍ଥିତ ଆର୍‌ଜେଡି କାର୍ଯ୍ୟାଳୟରେ ହେବାକୁ ଥିବା ଏହି ବୈଠକରେ ବିରୋଧୀ ମେଣ୍ଟର ସମସ୍ତ ୬ଟି ସହଯୋଗୀ ଦଳ ଯୋଗଦେବେ ବୋଲି ଜଣାପଡ଼ିଛି । ଆର୍‌ଜେଡି ନେତା ତେଜସ୍ୱୀ ପ୍ରସାଦ ଯାଦବ, କଂଗ୍ରେସ ରାଜ୍ୟ ପ୍ରଭାରୀ କ୍ରୀଷ୍ଣା ଆଲାଭାରୁ, ବିହାର ପ୍ରଦେଶ କଂଗ୍ରେସ କମିଟି ଅଧ୍ୟକ୍ଷ ରାଜେଶ କୁମାର ଏବଂ ବାମପନ୍ଥୀ ଦଳର ବରିଷ୍ଠ ନେତା ଓ ବିକାଶଶୀଳ ଇନ୍‌ସାନ୍ ପାର୍ଟିର ପ୍ରତିନିଧି ଏହି ବୈଠକରେ ଉପସ୍ଥିତ ରହିବେ ।

ମହାମେଣ୍ଟର ନେତାମାନେ ଆଗାମୀ ବିଧାନସଭା ନିର୍ବାଚନ ପାଇଁ ଆସନ ବଣ୍ଟନ ଏବଂ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ଉପରେ ମଧ୍ୟ ବିଚାରବିମର୍ଷ କରିବାର ସମ୍ଭାବନା ରହିଛି । ଇତିମଧ୍ୟରେ ଆର୍.ଜେ.ଡି. ଲାଲୁ ପ୍ରସାଦ ଯାଦବଙ୍କ ପୁଅ ତେଜସ୍ୱୀ ପ୍ରସାଦ ଯାଦବଙ୍କୁ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ଭାବେ ଘୋଷଣା କରିଛି । ଆଜିର ବୈଠକରେ ବିଧାନସଭା ନିର୍ବାଚନକୁ ନେଇ ମହାମେଣ୍ଟର ରଣନୀତି ଉପରେ ଆଲୋଚନା ହେବ ବୋଲି ଜଣାପଡ଼ିଛି । ଏହା ମହାମେଣ୍ଟର ପ୍ରଥମ ବୈଠକ । ଏଥିରେ ପଶୁପତି କୁମାର ପାରଶଙ୍କ ନେତୃତ୍ୱାଧୀନ ରାଷ୍ଟ୍ରୀୟ ଲୋକଶକ୍ତି ପାର୍ଟି ମେଣ୍ଟରେ ଯୋଗଦେବା ନେଇ ଆଲୋଚନା ହେବାର ସମ୍ଭାବନା ରହିଛି । ଅନ୍ୟ ପକ୍ଷରେ ବିଧାନସଭା ନିର୍ବାଚନକୁ ନେଇ ଏନ୍.ଡି.ଏ. ମେଣ୍ଟ ଦଳ ଗୁଡ଼ିକ ସହ ବୈଠକ କରିଥିବା ଜଣାପଡ଼ିଛି ।

# ଏମ୍‌ପି-ସିଆର୍‌ପିଏଫ୍ ଫାଉଣ୍ଡେସନ ଡେ

୨୦୨୬ ମାର୍ଚ୍ଚ ୩୧ ସୁଦ୍ଧା ଦେଶରୁ ନକ୍ସଲବାଦକୁ ସମ୍ପୂର୍ଣ୍ଣରୂପେ ନିପାତ କରାଯିବ ଏବଂ ଏଥିରେ ସିଆର୍‌ପିଏଫ୍ ଜବାନମାନେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବେ ବୋଲି ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା କହିଛନ୍ତି । ଆଜି ସିଆର୍‌ପିଏଫ୍‌ର ୮୬ତମ ପ୍ରତିଷ୍ଠା ଦିବସ ଅବସରରେ ମଧ୍ୟପ୍ରଦେଶର ନିମୁଚଠାରେ ଆୟୋଜିତ କାର୍ଯ୍ୟକ୍ରମକୁ ସମ୍ବୋଧିତ କରି ଶ୍ରୀ ଶାହା ଏହା କହିଛନ୍ତି ।

ଦେଶକୁ ନକ୍ସଲମୁକ୍ତ କରିବା ଦିଗରେ କୋବ୍ରା ବାଟାଲିୟନ ଜବାନମାନେ ଅଭୂତପୂର୍ବ କାର୍ଯ୍ୟ କରୁଛନ୍ତି ବୋଲି ସେ କହିଛନ୍ତି । ନକ୍ସଲବାଦରୁ ସମ୍ପୂର୍ଣ୍ଣ ମୁକ୍ତି ପାଇବା ପାଇଁ ଦେଶର ସଂକଳ୍ପ ଜବାନମାନଙ୍କ ଅଦମ୍ୟ ସାହସ ବଳରେ ପୂରଣ ହେବ ବୋଲି ସେ କହିଛନ୍ତି ।

**V/O (Amit Saha-Jawan)**

ଦେଶର ଅମର ସହିଦଙ୍କ ବଳିଦାନକୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରି ଶ୍ରୀ ଶାହା କହିଛନ୍ତି ଯେତେବେଳେ ଦେଶର ଇତିହାସ ଲେଖାଯିବ ସେତେବେଳେ ସୁରକ୍ଷାବାହିନୀର ଅମର ସହିଦଙ୍କ ସାହସିକତାର ଗାଥା ପ୍ରଥମେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହେବ । ଏହି ଅବସରରେ ସମସ୍ତ ସହିଦ ସିଆର୍‌ପିଏଫ୍ ଜବାନଙ୍କ ପରିବାରକୁ ପ୍ରଶଂସା କରି ସେ କହିଛନ୍ତି ଯେ ଦେଶ ଶକ୍ତିଶାଳୀ ଓ ସମୃଦ୍ଧ ହେବା ଦିଗରେ ସହିଦ ପରିବାରଙ୍କ ଅବଦାନ ଅତୁଳନୀୟ ।

ଶ୍ରୀ ଶାହା ଦେଶର ସୁରକ୍ଷାରେ ସିଆର୍‌ପିଏଫ୍‌ର ଭୂମିକା ବିଷୟରେ କହିଛନ୍ତି କାଶ୍ମୀର ଉପତ୍ୟକାରେ ଅଶାନ୍ତି ସୃଷ୍ଟି କରୁଥିବା ଆତଙ୍କବାଦୀଙ୍କ ବିରୋଧରେ ଲଢ଼େଇ ହେଉ କିମ୍ବା ଉତ୍ତରପୂର୍ବରେ ଶାନ୍ତି ପ୍ରତିଷ୍ଠା ପାଇଁ ହେଉ, ସବୁ କ୍ଷେତ୍ରରେ ସିଆରପିଏଫ୍ ଜବାନଙ୍କ ବୃହତ୍ ଅବଦାନ ରହିଛି । ବର୍ତ୍ତମାନ ସୁଦ୍ଧା ଦେଶ ସୁରକ୍ଷାରେ ୨ହଜାର ୨୬୪ଜଣ ଜବାନ ସହିଦ ହୋଇଥିବା ଶ୍ରୀ ଶାହା କହିଛନ୍ତି ।

**V/O (Amit Saha-CRPF)**

ଏହି ଅବସରରେ ଶ୍ରୀ ଶାହା ଜବାନମାନଙ୍କୁ ବୀରତା ପୁରସ୍କାରରେ ସମ୍ମାନିତ କରିବା ସହ ସହିଦସ୍ଥଳରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ।

## ଇଡି-ରବର୍ଟ ଭଦ୍ରା

ହରିୟାଣାର ଏକ ଜମି କାରବାର ମାମଲାରେ ବରିଷ୍ଠ କଂଗ୍ରେସ ନେତ୍ରୀ ପ୍ରିୟଙ୍କା ଗାନ୍ଧୀଙ୍କ ସ୍ୱାମୀ ରବର୍ଟ ଭଦ୍ରାଙ୍କୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ଆଜି ତୃତୀୟ ଦିନ ପାଇଁ ପଚରାଉଚରା କରୁଛି । ନୂଆଦିଲ୍ଲୀସ୍ଥିତ ଇଡି କାର୍ଯ୍ୟାଳୟରେ ତାଙ୍କୁ ପଚରାଉଚରା କରାଯାଉଥିବା ଜଣାପଡିଛି । ଶ୍ରୀ ଭଦ୍ରାଙ୍କ କମ୍ପାନୀ ଦ୍ୱାରା ଗୁରୁଗ୍ରାମରେ ଏକ ଜମି କିଣିବା ମାମଲାରେ ଇଡି ତାଙ୍କୁ ସମନ କରିଥିଲା ।

## ଏମ୍ଇଏ-ହେଡକ୍ୱାର୍ଟର

ଭାରତ ଏବଂ ଆନ୍ତର୍ଜାତୀୟ ବିଗ୍ କ୍ୟାଟ୍ ଆଲାଏନ୍ସ ମଧ୍ୟରେ ଆଜି ନୂଆଦିଲ୍ଲୀରେ ଚୁକ୍ତି ସ୍ୱାକ୍ଷରିତ ହୋଇଛି । ବୈଦେଶିକ ବ୍ୟାପାର ସଚିବ ପି. କୁମାରନ ଏବଂ ଆଇ.ବି.ସି.ଏର ମହାନିର୍ଦ୍ଦେଶକ ଡକ୍ଟର ଏସ୍‌ପି ଯାଦବ ଏହି ଚୁକ୍ତିରେ ସ୍ୱାକ୍ଷର କରିଛନ୍ତି । ବୁଝାମଣା ଅନୁଯାୟୀ ଭାରତ ଅନ୍ତର୍ଜାତୀୟ ବିଗ୍ କ୍ୟାଟ୍ ଆଲାଏନ୍ସ ମୁଖ୍ୟାଳୟ ଏବଂ ସଚିବାଳୟର ଆୟୋଜକ ହେବ । ଚୁକ୍ତି ଅନୁଯାୟୀ ୨୦୨୩-୨୪ରୁ ୨୦୨୮-୨୯ ପର୍ଯ୍ୟନ୍ତ ୫ ବର୍ଷ ପାଇଁ କର୍ପସ ସୃଷ୍ଟି, ଭିତ୍ତିଭୂମି ନିର୍ମାଣ ଏବଂ ଅନ୍ୟାନ୍ୟ ଖର୍ଚ୍ଚ ପାଇଁ ଆଇବିସିଏକୁ ୧୫୦ କୋଟି ଟଙ୍କାର ବଜେଟ୍ ସହାୟତା ପ୍ରଦାନ କରିବ ।

୨୦୨୩ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମହୀଶୂରଠାରେ ପ୍ରୋଜେକ୍ଟ ଟାଇଗରର ୫୦ବର୍ଷ ପୂର୍ତ୍ତି ପାଳନ କାର୍ଯ୍ୟକ୍ରମରେ ଅନ୍ତର୍ଜାତୀୟ ବିଗ୍ କ୍ୟାଟ୍ ଆଲାଏନ୍ସର ଶୁଭାରମ୍ଭ କରିଥିଲେ । ଏଥିରେ ମୁଖ୍ୟତଃ ବାଘ, ସିଂହ, ଚିତାବାଘ ଭଳି ପଶୁ ସଂରକ୍ଷଣ କରାଯିବା ଉଦ୍ଦେଶ୍ୟ ରହିଛି ।

## ୟୁଏସ୍-ଭିପି ଭିଜିଟ୍

ଆମେରିକାର ଉପରାଷ୍ଟ୍ରପତି ଜେ.ଡି. ଭାନ୍ସ ଚଳିତ ମାସ ୨୧ ତାରିଖରୁ ୪ ଦିନିଆ ଭାରତ ଗସ୍ତରେ ଆସିବେ । ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ସୂଚନା ଅନୁଯାୟୀ ଉପରାଷ୍ଟ୍ରପତି ଭାନ୍ସଙ୍କ ଏହା ପ୍ରଥମ ଭାରତ ଗସ୍ତ

ହେବ । ଏହି ଗସ୍ତ ସମୟରେ ସେ ଏପ୍ରିଲ୍ ୨୧ ତାରିଖ ସୋମବାର ଦିନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ସାକ୍ଷାତ କରିବେ । ଉପରାଷ୍ଟ୍ରପତି ଓ ତାଙ୍କ ପ୍ରତିନିଧି ଦଳ ଜୟପୁର ଏବଂ ଆଗ୍ରା ଗସ୍ତ କରିବା ସହ ଅନେକ ଗୁଡ଼ିଏ କାର୍ଯ୍ୟକ୍ରମରେ ଯୋଗଦେବେ ବୋଲି ସୂଚନା ମିଳିଛି । ଏହି ଗସ୍ତ ସମୟରେ ଦ୍ୱିପାକ୍ଷିକ ସମ୍ପର୍କର ଅଗ୍ରଗତି ଏବଂ ଭାରତ-ଆମେରିକା ବାଣିଜ୍ୟିକ କାରବାରର ସମୀକ୍ଷା କରାଯିବ ।

## ଟ୍ରମ୍ପ-ମେଲୋନି ମିଟ୍

ଇଟାଲୀ ପ୍ରଧାନମନ୍ତ୍ରୀ ଜର୍ଜିଆ ମେଲୋନି ଆଜି ୱାଶିଂଟନ୍‌ରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ସାକ୍ଷାତ୍ କରିବେ । ସମଗ୍ର ଦେଶରେ ଚାଲିଥିବା ବାଣିଜ୍ୟ ବିବାଦ ମଧ୍ୟରେ ଏହି ବୈଠକକୁ ଗୁରୁତ୍ୱପୂର୍ଣ୍ଣ ମନେ କରାଯାଉଛି । ଏହାବ୍ୟତୀତ ଇଟାଲୀ ପ୍ରଧାନମନ୍ତ୍ରୀ ୱାଶିଂଟନ୍ ଗସ୍ତର ଗୋଟିଏ ଦିନ ପରେ ଅର୍ଥାତ୍ ଆସନ୍ତାକାଲି ରୋମ୍‌ରେ ଆମେରିକାର ଉପରାଷ୍ଟ୍ରପତି ଜେ.ଡି.ଭାନ୍ସଙ୍କୁ ଭେଟିବେ । ଇଟାଲୀ ଗସ୍ତ ପରେ ଆମେରିକା ଉପରାଷ୍ଟ୍ରପତି ଭାରତ ଗସ୍ତରେ ଆସିବାର କାର୍ଯ୍ୟକ୍ରମ ରହିଛି ।

## ପାର୍କିନସନ ଷ୍ଟେନ୍ ସେଲ୍ ଥେରାପି

ନେଚର ପତ୍ରିକାରେ ପ୍ରକାଶିତ ଦୁଇଟି ଗବେଷଣାପତ୍ର ଅନୁଯାୟୀ ପାର୍କିନସନ ରୋଗର ଚିକିତ୍ସା କ୍ଷେତ୍ରରେ ଷ୍ଟେନ୍‌ସେଲ୍ ଥେରାପି ଏକ

ନିରାପଦ ଏବଂ ଆଶାଜନକ ଉପାୟ ବୋଲି ଜଣାପଡିଛି । ପାର୍କିନସନ ହେଉଛି ଏକ ମସ୍ତିଷ୍କ ରୋଗ, ଯେଉଁଥିରେ ଡୋପାମାଇନ୍ ଉତ୍ପାଦନ କରୁଥିବା ସ୍ନାୟୁକୋଷଗୁଡ଼ିକ ଧୀରେ ଧୀରେ ନଷ୍ଟ ହୋଇଥାନ୍ତି, ଯାହାଫଳରେ ସ୍ମରଣଶକ୍ତି ହ୍ରାସ ପାଇବା ସହ ମସ୍ତିଷ୍କଜନିତ ଅନ୍ୟାନ୍ୟ ରୋଗ ସୃଷ୍ଟି ହୋଇଥାଏ । ଏଲ୍-ଡୋପା ପରି ବର୍ତ୍ତମାନର ଚିକିତ୍ସା ପ୍ରାଥମିକ ପର୍ଯ୍ୟାୟରେ ରୋଗ ନିୟନ୍ତ୍ରଣ କରିବାରେ ସକ୍ଷମ ହେଉଥିଲେ ମଧ ସମୟକ୍ରମେ ଏହାର ପ୍ରଭାବ ହ୍ରାସ ପାଇଥାଏ । ଫଳରେ ପାର୍ଶ୍ୱ ପ୍ରତିକ୍ରିୟା ସୃଷ୍ଟି ହୋଇଥାଏ ।

ଅଧ୍ୟୟନ ଅନୁଯାୟୀ ଷ୍ଟେମ୍‌ସେଲ୍ ଥେରାପି ଜରିଆରେ ମସ୍ତିଷ୍କରେ ଡୋପାମାଇନ୍ ଉତ୍ପାଦନକାରୀ କୋଷିକା ଗୁଡ଼ିକୁ ପରିବର୍ତ୍ତନ କରାଯାଇପାରିବ । ଏହାଦ୍ୱାରା କମ୍ ପାର୍ଶ୍ୱ ପ୍ରତିକ୍ରିୟା ସହ ଅଧିକ ପ୍ରଭାବଶାଳୀ ଚିକିତ୍ସା ହୋଇପାରିବ । ଗବେଷକମାନେ କହିଛନ୍ତି ଷ୍ଟେମ୍ ସେଲ୍ ଥେରାପିର ବହୁଳ ବ୍ୟବହାର ପରେ ଏହା କେତେ ପ୍ରଭାବଶାଳୀ ଢ଼ଙ୍ଗରେ କାର୍ଯ୍ୟ କରିବ ତାହା ଜଣାପଡିବ ।

## ଆଇଏସ୍ଏଫ୍ ସୁଟିଂ

ପେରୁର ଲିମାଠାରେ ଚାଲିଥିବା ଆଇ.ଏସ୍.ଏସ୍.ଏଫ୍ ବିଶ୍ୱକପ୍ ୨୦୨୫ରେ ୧୦ମିଟର ଏୟାର ପିସ୍ତଲ ମିକ୍ସଡ୍ ଟିମ୍ ଇଭେଣ୍ଟର ଫାଇନାଲରେ ଭାରତୀୟ ଯୋଡ଼ି ଇନ୍ଦର ସିଂ ସୁରୁଚି ଏବଂ ସୌରଭ ଚୌଧୁରୀ ସ୍ୱର୍ଣ୍ଣପଦକ

ହାସଲ କରିଛନ୍ତି । ଏହି ଯୋଡ଼ି ୧୭-୯ରେ ଚୀନ୍‌ର କିଆନୁନ୍ ୟାଓ କାଲ୍ ହୁଁଙ୍କୁ ପରାସ୍ତ କରିଥିଲେ । ଏହାପୂର୍ବରୁ ଅଲମ୍ପିକ୍ ପଦକ ବିଜେତା ମନୁ ଭାକର ଏବଂ ରବୀନ୍ଦ୍ର ସିଂହଙ୍କ ଭାରତୀୟ ଯୋଡ଼ି ଚୀନ୍‌ର କିଆନକେ ମା ଓ ଇଫାନ ଝାଙ୍ଗଙ୍କ ଠାରୁ ପରାସ୍ତ ହୋଇଥିଲେ । ଆଜି ଯୋଗ୍ୟତା ପର୍ଯ୍ୟାୟରେ ୧୧୭ ପଏଣ୍ଟ ସହ ଷଷ୍ଠ ସ୍ଥାନରେରହିଥିବା ରାଇଜା ଧୀଲନ ସ୍କିଟ୍ ମହିଳା ଫାଇନାଲରେ ଖେଳୁଛନ୍ତି ।

# ଆଇପିଏଲ୍

ଆଇପିଏଲ୍ କ୍ରିକେଟ୍ ଶୃଙ୍ଖଳାରେ ଆଜି ସନ୍ଧ୍ୟା ୭ଟା ୩୦ ମିନିଟ୍‌ରେ ମୁମ୍ବାଇର ଓ୍ୱାଙ୍ଖେଡେ ଷ୍ଟାଡିୟମ୍‌ରେ ମୁମ୍ବାଇ ଇଣ୍ଡିଆନ୍ସ ଏବଂ ସନ୍‌ରାଇଜର୍ସ ହାଇଦ୍ରାବାଦ ମଧ୍ୟରେ ମୁକାବିଲା ହେବ । ଗତକାଲି ଅନୁଷ୍ଠିତ ମ୍ୟାଚ୍‌ରେ ଦିଲ୍ଲୀ କ୍ୟାପିଟାଲ୍ସ ସୁପର ଓଭର୍‌ରେ ରାଜସ୍ଥାନ ରୟାଲ୍ସକୁ ପରାସ୍ତ କରିଥିଲା ।

ପଏଣ୍ଟ ତାଲିକାରେ ଦିଲ୍ଲୀ କ୍ୟାପିଟାଲ୍ସ ୧୦ ପଏଣ୍ଟ ସହ ଶୀର୍ଷରେ ଥିବାବେଳେ ଗୁଜୁରାଟ ଟାଇଟନ୍ସ ୮ ପଏଣ୍ଟ ସହ ଦ୍ୱିତୀୟ ସ୍ଥାନରେ ରହିଛି । ସେହିପରି ୮ ପଏଣ୍ଟ ସହ ରୟାଲ ଚାଲେଞ୍ଜର୍ସ ବାଙ୍ଗାଲୋର ତୃତୀୟ, ପଞ୍ଜାବ କିଙ୍ଗ୍‌ସ ଚତୁର୍ଥ ଏବଂ ଲକ୍ଷ୍ନୌ ସୁପର ଜାଏଣ୍ଟ୍‌ସ ପଞ୍ଚମ ସ୍ଥାନରେ ରହିଛି ।